# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08th July - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ପ୍ରକୃତି ସହ ମିତ୍ରତା ସ୍ଥାପନ କରି ପରିବେଶ ଅନୁକୂଳ ଜୀବନ ଯାପନ କରିବା ବର୍ତ୍ତମାନର ଆବଶ୍ୟକତା; କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

— ବ୍ରହ୍ମାକୁମାରୀଙ୍କ ଡିଭାଇନ ରିଟ୍ରିଟ୍ ସେଣ୍ଟରର କଲେ ଉଦ୍‌ଘାଟନ ।

- ନୀଟ୍-ୟୁ.ଜି. ପ୍ରବେଶିକା ପରୀକ୍ଷାରେ ଅନିୟମିତତା ମାମଲାରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ।

- ନୟାଗଡ଼ ଜିଲ୍ଲାରେ ବୃତ୍ତାଙ୍ଗ ବୃହତ୍ ଜଳସେଚନ ପ୍ରକଳ୍ପକୁ ଅନୁମତି ପ୍ରଦାନ କଲେ କେନ୍ଦ୍ର ସରକାର ।

ଏବଂ

- ପୁରୀ ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଲେ ତିନିରଥ ।

**Desk**

# ରାଷ୍ଟ୍ରପତି

ପରିବେଶ ବିନା ମଣିଷ ବଞ୍ଚିବା ଅସମ୍ଭବ । ପ୍ରକୃତି ସହ ମିତ୍ରତା ସ୍ଥାପନ କରି ପ୍ରକୃତି ଅନୁକୂଳ ଜୀବନ ଯାପନ କରିବା ବର୍ତ୍ତମାନ ଆବଶ୍ୟକତା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି ମୁର୍ମୁ ଭୁବନେଶ୍ୱର ସନ୍ନିକଟ ହରିଡ଼ାମଦାଠାରେ ବ୍ରହ୍ମକୁମାରୀଙ୍କ ଡିଭାଇନ୍ ରିଟ୍ରିଟ୍ ସେଣ୍ଟର୍‌ର ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ ଏହି ଅବସରରେ 'ଲାଇଫ୍ ଷ୍ଟାଇଲ୍ ଫର ସଷ୍ଟେନାବିଲିଟି' ଅଭିଯାନର ମଧ୍ୟ ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି :

***Voice*** :........

ଏହାପୂର୍ବରୁ ରାଷ୍ଟ୍ରପତି ଐତିହାସିକ ଉଦୟଗିରି ଗୁମ୍ଫା ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ରାଷ୍ଟ୍ରପତି ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ନେଇ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ.ର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

ସୂଚନା ଅନୁସାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ପୁରୀ ସମୁଦ୍ର ବେଳାଭୂମିରେ କିଛି ସମୟ ଅତିବାହିତ କରିଥିଲେ । ଏହି ସମୟରେ ସେ ପରିବେଶ ସୁରକ୍ଷା ଓ ସଂରକ୍ଷଣ ସମ୍ବନ୍ଧିତ ଆହ୍ୱାନଗୁଡ଼ିକର ମୁକାବିଲାପାଇଁ ସମସ୍ତ ଉଦ୍ୟମ କରିବାକୁ ପରାମର୍ଶ ଦେଇଛନ୍ତି । ଜଟଣି ସ୍ଥିତ ଜାତୀୟ ବିଜ୍ଞାନ

ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ - ନାଇଜରର ସ୍ନାତକ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି ।

*Puri/R*

# ସୁପ୍ରିମ୍‌କୋର୍ଟ - ନୀଟ୍-ୟୁ.ଜି.

ସୁପ୍ରିମ୍‌କୋର୍ଟରେ ଆଜି ନୀଟ୍-ୟୁ.ଜି. ପ୍ରବେଶିକା ପରୀକ୍ଷାରେ ଅନିୟମିତତା ନେଇ ଆବେଦନଗୁଡ଼ିକର ଶୁଣାଣି କରାଯାଇଛି । ଏହି ସମୟରେ ସର୍ବୋଚ୍ଚ ନ୍ୟାୟାଳୟ' କେନ୍ଦ୍ର ସରକାର ଏବଂ ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ.କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମ୍‌କୋର୍ଟ ସି.ବି.ଆଇ.କୁ ମଧ୍ୟ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଦ୍ଦିଓ୍ୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ବୁଧବାର ସୁଦ୍ଧା ଏହି ରିପୋର୍ଟ ଦାଖଲ କରିବାକୁ କହିଛନ୍ତି । ଆସନ୍ତା ଗୁରୁବାର ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ।

*Desk*

# ମୁଖ୍ୟମନ୍ତ୍ରୀ – ଜମି ଜବରଦଖଲ

ରାଜ୍ୟରେ ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବେଆଇନ ଭାବେ ସରକାରୀ ଜମି ଦଖଲ କରୁଥିଲେ, ତାହା ତୁରନ୍ତ ଦଖଲମୁକ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ ଜମିଗୁଡ଼ିକ ବିକାଶ ଏବଂ ଜନକଲ୍ୟାଣ କାର୍ଯ୍ୟ ନିମନ୍ତେ ବ୍ୟବହାର ହେବା ପାଇଁ ଉଦ୍ଦିଷ୍ଟ। ଜବରଦଖଲ ଯୋଗୁଁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଜବରଦଖଲ ହଟିବା ପରେ ସରକାରୀ ଜମି ଚାରିପଟେ ବାଡ଼ ଦିଆଯିବା ସହ ସାଇନବୋର୍ଡ ଲଗାଇବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

*HS*

# ପଶ୍ଚିମବଙ୍ଗ ରାଜ୍ୟପାଳ

ପଶ୍ଚିମବଙ୍ଗର ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ଆଜି ଭୁବନେଶ୍ୱର ରାଜଭବନଠାରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଶ୍ରୀ ଦାସ ତାଙ୍କୁ ରାଜ ଭବନର କଫି

ଟେବଲ ବୁକ୍ "ବ୍ରେକିଂ ଦି ବ୍ୟାରିୟର, ରିଚିଂ ଆଉଟ୍ ଟୁ ପିପୁଲ" ପ୍ରଦାନ କରିଥିଲେ।

*CMO*

## ବୃତ୍ତାଙ୍ଗ ଜଳସେଚନ ପ୍ରକଳ୍ପ

ନୟାଗଡ଼ ଜିଲ୍ଲାରେ ବୃତ୍ତାଙ୍ଗ ବୃହତ୍ ଜଳସେଚନ ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପଦ୍ୱାରା ଦଶପଲ୍ଲା ଏବଂ ନୟାଗଡ଼ର ୨୩ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତରେ ଯାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୁପେନ୍ଦର ଯାଦବଙ୍କୁ ସାକ୍ଷାତ କରି ବୃତ୍ତାଙ୍ଗ ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ ।

ପ୍ରସ୍ତାବିତ ବୃତ୍ତାଙ୍ଗ ଜଳସେଚନ ପ୍ରକଳ୍ପର ଲମ୍ବ ୫୫୨ ମିଟର ଥିବାବେଳେ ଏଥିରେ ୮ଟି ଗେଟ୍ ରହିବ । ଏଥିପାଇଁ ମୋଟ୍ ୧ ହଜାର ୬୫୮ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ପ୍ରକଳ୍ପ ନିର୍ମାଣ ହେଲେ ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼, ନୂଆଗାଁ ଏବଂ ଓଡ଼ଗାଁ ବ୍ଲକ୍‌ର ୩୦୯ଟି ଗ୍ରାମର ଚାଷଜମିଗୁଡ଼ିକ ଜଳସେଚିତ ହୋଇପାରିବ । ପ୍ରସ୍ତାବିତ ପ୍ରକଳ୍ପ ନେଇ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଗତବର୍ଷ ଏକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା ।

*HS, Puri, Boudh/R*

# ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆଜି ତିନିରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିସାରିଛି । ଗତକାଲି ଅଧାବାଟରେ ଅଟକି ଥିବା ତିନିରଥ ଉପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ନୀତି ଓ ଅବକାଶ ପୂଜା କରାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଲକ୍ଷାଧିକ ଶ୍ରଦ୍ଧାଳୁ ତିରଥକୁ ଟାଣି ଟାଣି ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ । ତେବେ ତିନିରଥ ଉପରେ ମହାପ୍ରଭୁଙ୍କର ଦୈନନ୍ଦିନ ନୀତି ଅନୁଷ୍ଠିତ ହେଉଛି । ଆସନ୍ତାକାଲି ସନ୍ଧ୍ୟା ଆଳତି ନୀତି ହେବା ପରେ ମହାପ୍ରଭୁଙ୍କର ଆଡ଼ପ ମଣ୍ଡପ ବିଜେ ନୀତି ଅନୁଷ୍ଠିତ ହେବ ।

ରାଜ୍ୟର ବିଭିନ୍ନ ସ୍ଥାନରେ ରଥଯାତ୍ରା ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଛି । କେନ୍ଦ୍ରାପଡ଼ାରେ ଆଜି ରଥଟଣା ହେଉଥିବାବେଳେ ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ବ୍ରହ୍ମ ତାଳଧ୍ୱଜ ରଥ ବାମମୋଡ଼ ନେବାରୁ ସେଠାରେ ଅଟକି ରହିଛି । ପୂର୍ବତଟ ରେଳବାଇ ହାଇଡ୍ରୋଲିକ୍ ଜ୍ୟାକ୍ ସାହାଯ୍ୟରେ ରଥକୁ ସିଧା କରିବା ପରେ ରଥଟଣା କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି ।

ବାରିପଦାରେ ପରମ୍ପରା ଅନୁଯାୟୀ ଆଜି ରଥଟଣା ଆରମ୍ଭ ହୋଇଛି । ଆସନ୍ତାକାଲି ମଧ୍ୟ ସେଠାରେ ରଥଟଣା ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ, ତିନିରଥକୁ ଟାଉନ୍ ଥାନା ପର୍ଯ୍ୟନ୍ତ ନିଆଯାଇଛି । ଆସନ୍ତାକାଲି ରଥଗୁଡ଼ିକୁ ଗୁଣ୍ଡିଚା ମନ୍ଦିରକୁ ନିଆଯିବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସେଠାରେ

ରଥଯାତ୍ରାରେ ସାମିଲ୍ ହୋଇଛନ୍ତି । ବାରିପଦାରେ ରଥଯାତ୍ରା ଅବସରରେ କେବଳ ମହିଳାମାନେ ସୁଭଦ୍ରାଙ୍କ ରଥଟାଣିବା ପରମ୍ପରାକୁ ଚଳିତ ବର୍ଷ ୫୦ ବର୍ଷ ପୂରିଛି । ୧୯୭୫ ମସିହାରେ ଦେଶରେ ପ୍ରଥମ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ବାରିପଦାର ସୁଭ୍ରଦାଙ୍କ ରଥକୁ କେବଳ ମହିଳାମାନେ ଟାଣିବା ନେଇ ନିଷ୍ପତ୍ତି ହୋଇଥିଲା ।

ବୌଦ୍ଧ ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ରଠାରେ ଆଜି ଶ୍ରୀଜଗନ୍ନାଥଙ୍କ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଠାକୁରଙ୍କ ନୀତିକାନ୍ତି ପରେ ପହଣ୍ଡି କାର୍ଯ୍ୟ ଶେଷ ହୋଇଛି । ସନ୍ଧ୍ୟା ୬ଟାରୁ ରଥଟଣା ଆରମ୍ଭ ହୋଇଥିବା ଜଣାପଡ଼ିଛି ।

***Desk***

## ଅଲିମ୍ପିକ୍ସ ପ୍ରୋତ୍ସାହନ

ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶାର  କିଶୋର ଜେନା ଏବଂ ଅମିତ ରୋହିଦାସଙ୍କ ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟଙ୍କ ପାଇଁ ୧୫ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଉଭୟ ଖେଳାଳି ନିଜର ଜନ୍ମମାଟି ସମେତ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି।

ସେମାନଙ୍କର ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ନିଷ୍ଠା ଏବଂ ଅଧ୍ୟବସାୟ ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ପ୍ରେରଣା ଯୋଗାଇବ ।

ସୂଚନା ଅନୁସାରେ, ଅଲିମ୍ପିକ୍ସରେ କିଶୋର ଜେନା ଜାଭେଲିନ୍ ଥ୍ରୋ' ଓ ଅମିତ୍ ରୋହିଦାସ ପୁରୁଷ ହକି ଦଳରେ ସ୍ଥାନ ପାଇଛନ୍ତି ।

***Nuapada/R***

## ରକ୍ତଶିକୁଳି ରୋଗୀ ଚିହ୍ନଟ

ନୂଆପଡ଼ା ଜିଲ୍ଲାରେ ୧ ହଜାର ୪୫୨ ଜଣଙ୍କର ରକ୍ତଶିକୁଳି ରୋଗ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଗତ ଜୁନ୍ ୧୯ ତାରିଖରୁ ଚଳିତ ମାସ ୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୫ଟି ବ୍ଲକ ଓ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ୧୩୧ଟି ଗ୍ରାମପଞ୍ଚାୟତର ୬୫୪ଟି ଗ୍ରାମରେ ରକ୍ତଶିକୁଳି ରୋଗ ନେଇ ସଚେତନତା ସୃଷ୍ଟି କରାଯାଇଥିଲା।

***PIB***

## ଦିବ୍ୟ କଳା ମେଳା

ଭୁବନେଶ୍ୱରରେ ଚାଲିଥିବା ଦିବ୍ୟ କଳା ମେଳାରେ ଦିବ୍ୟାଙ୍ଗ କାରିଗର ଏବଂ ଶିଳ୍ପୀଙ୍କଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଲୋକମାନଙ୍କଦ୍ୱାରା ଆଦୃତ

ହେଉଛି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟଦ୍ୱାରା ଚାଲିଥିବା ମେଳାରେ ଗୁଜରାଟ, ଉତ୍ତର ପ୍ରଦେଶ, କେରଳ ଏବଂ ଅନ୍ୟ କେତେକ ରାଜ୍ୟର ପ୍ରାୟ ୧୯୦ ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରିଗର ଓ ଉଦ୍ୟୋଗୀ ସେମାନଙ୍କଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି । ଏହା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Desk***

# ଓ.ଜେ.ଇ.ଇ. କାଉନ୍‌ସେଲିଂ

ରାଜ୍ୟରେ ଥିବା ସରକାରୀ ଏବଂ ବେସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ବୈଷୟିକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଓଜେଇଇ କାଉନସେଲିଂ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ୱେବସାଇଟ୍‌ରେ ଲଗ୍ ଇନ୍ କରି ପଞ୍ଜୀକରଣ କରିବା ସହ କାଉନସେଲିଂ ସମ୍ପର୍କିତ ବିସ୍ତୃତ ତଥ୍ୟ ପାଇପାରିବେ। ବିଭିନ୍ନ ପାଠ୍ୟକ୍ରମ ପାଇଁ ଅଗଷ୍ଟ ୧୭ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ନାମଲେଖା ହେବ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

*HS*

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ କଟକ ଜିଲ୍ଲାର ବାଙ୍କୀରେ ସର୍ବାଧିକ ୧୭୭ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି ।

ଅନ୍ୟପକ୍ଷରେ, ରାଜ୍ୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ଜାରି ରହିଛି । ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୨୧୧ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି । ଏହା ସ୍ୱାଭାବିକ ବର୍ଷା ତୁଳନାରେ ୨୬ ପ୍ରତିଶତ କମ୍ ବୋଲି ଜଣାପଡ଼ିଛି ।

*****